# ସିଏମ୍‌ସି ସାଧାରଣ ଅଧିବେଶନ

# ୟୁଡବ୍ଲ୍ୟୁଇଆଇ ଯୋଜନା କାର୍ଯ୍ୟ ଖସଡ଼ାକୁ ମଞ୍ଜୁରୀ



**କଟକ,୨୯।୬/ଏନ୍‌ଏନ୍‌ଏସ୍:** ସିଏମ୍‌ସି ସାଧାରଣ ଅଧୀବେଶନ ସ୍ଥାନୀୟ ବିଜୁଭବନରେ ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି ମୁଖ୍ୟ ପ୍ରଶାସକ ତଥା କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସହର ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ସହରରେ ବହୁ ଅଞ୍ଚଳରେ ରାସ୍ତାଘାଟ ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇ ପଡ଼ିଥିବାବେଳେ ବର୍ଷାଦିନ ପରେ ତୁରନ୍ତ ରାସ୍ତାଘାଟ ମରାମତି ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି ରାସ୍ତାଘାଟ ମରାମତି ପାଇଁ ଏକ ତାଲିକା ପ୍ରସ୍ତୁତ କରିବାପାଇଁ ଯାନ୍ତ୍ରୀକ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିଭଳି ଅର୍ବାନ ୱେଜ ଏମ୍ପ୍ଲୟମେଣ୍ଟ ଇନଟାଟିଭ(ୟୁଡବ୍ଲ୍ୟୁଇଆଇ) ଯୋଜନାରେ ପ୍ରତି ୱାର୍ଡ଼କୁ ୫ଲକ୍ଷ ଟଙ୍କାର କାର୍ଯ୍ୟ ଖସଡ଼ାକୁ ବୈଠକରେ ମଞ୍ଜୁରି ମିଳିଛି। ତେବେ ଏହି କାର୍ଯ୍ୟ ତ୍ୱରାନ୍ୱିତ କରିବାସହ ସ୍ୱଚ୍ଛତା ଅବଲମ୍ବନ କରିବା ଉପରେ ଆରଡିସି ଗୁରୁତ୍ୱ ଦେଇଥିଲେ। ସେହିଭଳି କଟକ ବଡ଼ ମେଡ଼ିକାଲ ସମ୍ପ୍ରସାରଣ ପାଇଁ ବିସ୍ଥାପିତ ବସ୍ତିବାସିନ୍ଦାଙ୍କୁ ଜଗତପୁର ନିମପୁର ଅଞ୍ଚଳରେ ଥଇଥାନ କରାଯାଇଥିବାରୁ ସେଠାରେ ଅଧିକ ଉନ୍ନତି କାମ କରିବାପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେଠାରେ ଜନସାଧାରଣଙ୍କ ମୌଳିକ ସୁବିଧା ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୁନଶ୍ଚ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର(ଏମସିସି) ପ୍ରକଳ୍ପ ତୁରନ୍ତ ଶେଷ କରିବାପାଇଁ ମଧ୍ୟ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସହରରେ ଆବର୍ଜନା ପରିଚାଳନା ନିମନ୍ତେ ଗୁରୁତ୍ୱ ଦିଆଯିବାସହ ସହର ସଫେଇ ଓ ଆବର୍ଜନା ପୃଥକୀକରଣ କରି ରଖିବାପାଇଁ ସହରବାସୀଙ୍କୁ ଅଧିକ ସଚେତନ କରିବାକୁ ପରାମର୍ଶ ଦିଆଯାଇଥିଲା। ତେବେ ସମସ୍ତ ପ୍ରକଳ୍ପ କାର୍ଯ୍ୟ ସ୍ୱଚ୍ଛତାର ସହ ସମ୍ପାଦନ କରିବା ନିମନ୍ତେ ଆରଡିସି ଶ୍ରୀ ସାମଲ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ଅଧିବେଶନରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ଯୁଗ୍ମ କମିଶନର ମନୋଜ ରଞ୍ଜନ ମହାପାତ୍ର, ସୁମିତ୍ରା ସରକାର, ଡେପୁଟି କମିଶନର ସଞ୍ଜିବିତା ରାୟ, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ର, ବସ୍ତି ଉନ୍ନୟନ ଅଧିକାରୀ ଅର୍ପିତ ସରକାର, ପରିସଂଖ୍ୟାନ ଅଧିକାରୀ ବିଶ୍ୱନାଥ ଲେଙ୍କା, ନଗର ଯନ୍ତ୍ରୀ ସୁବାରାଓ ପାତ୍ର, ଉପନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।